ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ରାଜ୍ୟର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ ନେତାଜୀ ସୁଭାଷ ବୋଷ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୩ ଜାନୁଆରୀ ୨୦୨୦

ଭାରତୀୟ ମୁକ୍ତି ସଂଗ୍ରାମର ଅନ୍ୟତମ ବୀର ଯୋଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଆଜି ରାଜ୍ୟର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ କେନ୍ଦ୍ରରେ ନେତାଜୀଙ୍କ ଜୀବନୀ ସଂପର୍କରେ ନୃତ୍ୟ-ସଂଗୀତ, ବକ୍ତୃତା ଏବଂ ଅଭିନୟ ପ୍ରଦର୍ଶନ କରି ପିଲାମାନଙ୍କୁ ଏହି ବୀରପୁରୁଷଙ୍କ ସଂପର୍କରେ ଅବଗତ କରାଯାଇଛି । କେନ୍ଦ୍ରାପଡ଼ା, ସୋନପୁର, ଢେଙ୍କାନାଳ, ଯାଜପୁର, କଳାହାଣ୍ଡି ଏବଂ ବାଲେଶ୍ୱରର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରର ଛୋଟ ପିଲାମାନେ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଅର୍ପଣ କରି ଜାତୀୟ ସଂଗୀତ ଗାଇବା ସହ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି ସବୁ କାର୍ଯ୍ୟକ୍ରମରେ ପିତା, ମାତା, ଅଭିଭାବକ, କିଶୋରୀ ତଥା ଜେଜେବାପା, ଜେଜେମା'ମାନେ ଉପସ୍ଥିତ ଥିଲେ । କୁନି କୁନି କୋମଳମତି ଶିଶୁମାନଙ୍କୁ ଭାରତର ବୀର ସନ୍ତାନଙ୍କ ଜୀବନୀ ବିଷୟରେ ଅବଗତ କରାଇବା ଏବଂ ମହାନ ଦେଶଭକ୍ତ ବରପୁତ୍ରମାନଙ୍କ ପ୍ରତି ପିଲାମାନଙ୍କ ମଧ୍ୟରେ ଭକ୍ତି ଓ ସମ୍ମାନ ଭାବ ଜାଗ୍ରତ କରାଇବା ନିମନ୍ତେ ଅଙ୍ଗନବାଡ଼ି କେନ୍ଦ୍ରର ଏହିସବୁ କାର୍ଯ୍ୟକ୍ରମକୁ ପିତାମାତା, ଅଭିଭାବକ ଏବଂ ସ୍ଥାନୀୟ ଜନସାଧାରଣ ଉଚ୍ଚପ୍ରଶଂସା କରିଛନ୍ତି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ